# ଘରୋଇ ପୋଷଣର ବିକାଶ ପାଇଁ ଉନ୍ନତ କୃଷି ପ୍ରଣାଳୀ

ମୁଁ ଜଣେ ଛୋଟ ଗୃଷୀ । ମୋର ମାତ୍ର ୦.୯ ଏକର ନିଜସ୍ୱ ଜମି ଅଛି, ଏହା ସହିତ ପ୍ରାୟ ୧ ଏକର ସରକାରୀ ଜମିରେ ଗୃଷବାସ କରି ମୋ ପରିବାର ଭରଣପୋଷଣ କରିଥାଏ । ମୁଁ ସାଧାରଣତଃ ଧାନ, ମାଣ୍ଡିଆ ସହ ମକା, କାନ୍ଦୁଲ ଏବଂ ବିଭିନ୍ନ ପନିପରିବା ଗୃଷ କରି ଆସୁଅଛି । କିନ୍ତୁ ପାରରିକ ଚାଷ ପଦ୍ଧତି ଦ୍ୱାରା ଉତ୍ପାଦନ ଯଥେଷ୍ଟ ହେଉନଥିବାରୁ ଏହା ମୋ ପରିବାରକୁ ବର୍ଷସାରା ଖାଦ୍ୟ ଯୋଗାଇବାରେ ଅସମର୍ଥ ହୋଇଥାଏ ।

ମୁଁ ଜାଣିବାକୁ ପାଇଲି ଯେ ଆମ ପଡ଼ୋଶି ଗ୍ରାମ ବାଣୁଆଗୁଡ଼ାର ଗୃଷୀମାନେ ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନର ଲାନ୍ସା ପ୍ରକଳ୍ପ ଅଧିନସ୍ଥ "ପୁଷ୍ଟି ପାଇଁ କୃଷି ପ୍ରଣାଳୀ" କାର୍ଯ୍ୟକ୍ରମ ମାଧ୍ୟମରେ ଗୃଷରେ ଅଧିକ ଅମଳ ପାଇଛନ୍ତି । ସେହି ଗାଁର ଗୃଷୀମାନେ ଉନ୍ନତ ଗୃଷ ପ୍ରଣାଳୀ ଦ୍ୱାରା ମାଣ୍ଡିଆ, ମକା, କାନ୍ଦୁଲ ସହ ଅନ୍ୟାନ୍ୟ ଡାଲି ଜାତୀୟ ଫସଲ ଓ ପନିପରିବା ଗୃଷ କରି ଅଧିକ ଅମଳ ପାଇ ଉପକୃତ ହୋଇଥିବାର ମଧ୍ୟ ଅବଗତ ହେଲି । ବାଣୁଆଗୁଡ଼ାର ଚାଷୀମାନେ ମକା ଓ କାନ୍ଦୁଲର ଅନ୍ତଃଗୃଷ, ଧାଡ଼ିରେ କରୁଥିବା ମୋ ପାଇଁ ନୂଆ ଥିଲା କାରଣ ଆମେ ସାଧାରଣତଃ ମକା, କାନ୍ଦୁଲ ସହ ଅନ୍ୟାନ୍ୟ ପନିପରିବାକୁ ପାରରିକ ପଦ୍ଧତିରେ ବୁଣା କରୁଥିଲୁ । ସେମାନଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ମୁଁ ୨୦୧୭ ମସିହାରେ ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନର କର୍ମଗୃରୀମାନଙ୍କୁ ଯୋଗାଯୋଗ କଲି । ସେମାନେ ଉନ୍ନତମାନର ମକା ଓ କାନ୍ଦୁଲ ବିହନ ସହିତ ଜମି ପ୍ରସ୍ତୁତି, ଧାଡ଼ି ବୁଣା, ଧାଡ଼ିକୁ ଧାଡ଼ି ବ୍ୟବଧାନ, ଆବଶ୍ୟକ ଅନୁସାରେ ସାର ପ୍ରୟୋଗ, ସଠିକ୍ ସମୟରେ ଘାସ ବଛା ଇତ୍ୟାଦି ବୈଷୟିକ ଜ୍ଞାନ କୌଶଳ ମଧ୍ୟ ଶିଖାଇଥିଲେ । ମୁଁ ମୋର ୦.୪ ଏକର ଜମିରେ ଗୋଟିଏ ଧାଡ଼ି ମକା ଓ ଗୋଟିଏ ଧାଡ଼ି କାନ୍ଦୁଲକୁ ପ୍ରାୟ ୩ ଫୁଟ ବ୍ୟବଧାନରେ ଅନ୍ତଃଗୃଷ କରିବା ସହ ଆବଶ୍ୟକ ଅନୁପାତରେ ସାର ପ୍ରୟୋଗ କଲି । ମୁଁ ସେହି ଜମିରୁ ୨ କ୍ୱିଣ୍ଟାଲ ମକା ସହ ୧.୫ କ୍ୱିଣ୍ଟାଲ କାନ୍ଦୁଲ ଅମଳ କଲି । ପୂର୍ବରୁ ସେହି ଜମିରୁ ପାରରିକ ପଦ୍ଧତିରେ ବୁଣାକରି ୨୦–୩୦ କି.ଗ୍ରା. ମଧ୍ୟରେ କାନ୍ଦୁଲ ପାଉଥିଲି ଯାହାକି ପରିବାରର ଆବଶ୍ୟକତା ପୂରଣ କରିବାରେ ଯଥେଷ୍ଟ ହେଉନଥିଲା । ସେହିପରି ମକା ମଧ୍ୟ ଖୁବ୍ କମ୍ ଅମଳ ହେଉଥିଲା ଯାହାକି ମୋ ପରିବାରର ଆବଶ୍ୟକତାକୁ କିଛି ମାତ୍ରାରେ ପୂରଣ କରିବା ସହ ବନ୍ଧୁବାନ୍ଧବଙ୍କୁ ବାଣ୍ଟିବାରେ ସରିଯାଉଥିଲା । ଏବେ କାନ୍ଦୁଲ ଡାଲି ପାଇଁ ମୋତେ ଆଉ ବଜାର ଉପରେ ନିର୍ଭର କରିବାକୁ ପଡୁନାହିଁ । ଉଭୟ ଶସ୍ୟର ଉତ୍ପାଦନରେ ଉନ୍ନତି ଯୋଗୁଁ ନିଜ ପରିବାରର ବର୍ଷଯାକର ଆବଶ୍ୟକତା ପାଇଁ ସାଇତି ରଖିବା ସହ ବନ୍ଧୁବାନ୍ଧବଙ୍କୁ ମଧ୍ୟ କିଛି ମକା ଓ କାନ୍ଦୁଲ ଡାଲି ଦେବାରେ ସହାୟକ ହୋଇପାରିଛି । ଏହି ଧାଡ଼ି ବୁଣା ଯୋଗୁଁ ଘାସବଛା ଏବଂ ମାଟି ଟେକା ଇତ୍ୟାଦି ମଧ୍ୟ ସହଜ ହୋଇପାରିଛି ।



ଏହା ସହିତ ମୁଁ ମଧ୍ୟ "ପୋଷଣ ବଗିଚ୍" କାର୍ଯ୍ୟକ୍ରମକୁ ହାତକୁ ନେଇଛି । ବର୍ତ୍ତମାନ ମୋ ବାଡ଼ିରେ ଟମାଟୋ, ବାଇଗଣ, ଅମୃତଭଣ୍ଡା, କଦଳୀ, ଶିମ୍ବ, କଖାରୁ ଇତ୍ୟାଦି ପନିପରିବା ଗୃଷ କରୁଅଛି । ଏହା ଦ୍ୱାରା ଘରର ପନିପରିବା ଆବଶ୍ୟକତାକୁ ପୂରଣକରି ଅଳ୍ପ ବହୁତ ବିକ୍ରିବଟା କରି ମୁଁ ମୋ ପରିବାରର  ଭରଣପୋଷଣରେ ସାହାଯ୍ୟ କରିପାରୁଛି । ଏହା ମୋ ପାଇଁ ଏକ ଭଲ ଶିକ୍ଷା ଥିଲା । ଶିଖିଥିବା ଜ୍ଞାନ କୌଶଳକୁ ବ୍ୟବହାର କରି ଆଗାମୀ ଦିନରେ ଅଧିକରୁ ଅଧିକ ଅମଳ କରି ମୋ ପରିବାରର ଖାଦ୍ୟ ଓ ପୁଷ୍ଟି ସୁରକ୍ଷାରେ ଯତ୍ନବାନ ହେବି ।



**ନାମ : ସହଦେବ ପରଜା**

ଗ୍ରାମ : ଡୁମୁରିଗୁଡ଼ା,
ପଞ୍ଚାୟତ ସମିତି : ବୈପାରିଗୁଡ଼ା, ଜିଲ୍ଲା : କୋରାପୁଟ

ବୟସ : ୫୩ ବର୍ଷ

ଜାତି : ପରୋଜା (ଆଦିବାସୀ)

ବୃତ୍ତି : କୃଷି (୧.୯ ଏକର)

ପରିବାର ସଂଖ୍ୟା : ୫ (୩ ବୟସ୍କ, ୨ ଶିଶୁ)

ଲେଖା ଓ ପ୍ରସ୍ତୁତି: **ସୁଶାନ୍ତ କୁମାର ମିଶ୍ର,**
ପ୍ରକଳ୍ପ ସହାୟକ
ଏଫ୍.ଏସ୍.ଏନ୍. ଅଧ୍ୟୟନ, ଲାନ୍ସା

LANSA
Leveraging Agriculture for Nutrition in South Asia

MSSRF
Science for Sustainable Development